# ପ୍ରଫେସର୍ ବୈଷ୍ଣବ ଚରଣ ସାମଲ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ବାଲେଶ୍ୱର,: ଖ୍ୟାତନାମା ସାହିତ୍ୟିକ ପ୍ରଫେସର୍ ବେ ?ଷବ ଚରଣ ସାମଲ ଚଳିତ ବର୍ଷର ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ଲାଗି ସେ ଏହି ପୁରସ୍କାର ପାଇବେ ବୋଲି ଓଡ଼ିଆ ପରାମର୍ଶଦାତା କମିଟିର ଆବାହକ ଡକ୍ଟର ଗୌରହରି ଦାସ ଜଣାଇଛନ୍ତି । ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରରେ ବେଶ ଜଣାଶୁଣା ପ୍ରଫେସର୍ ବେ ?ଷବ ଚରଣ ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର୍ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶା ସାହିତ୍ୟର ଇତିହାସ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ, ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉଚ୍ଚାରଣ, ଗଣକବି ସାହିତ୍ୟ ସମୀକ୍ଷା, ସମୀକ୍ଷାଲୋକ, ସମାଲୋଚନା: ସ୍ୱର ଓ ସ୍ୱାକ୍ଷର, ବେ ?ଷବ ଚରଣ ସାମଲଙ୍କ ରମ୍ୟରଚନା ସମଗ୍ର ଆଦି ସମେତ ତାଙ୍କର ୧୨୦ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି । 'ଜଣେ ବଣା ବାଟୋଇର କାହାଣୀ' ହେଉଛି ତାଙ୍କର ଆତ୍ମଜୀବନୀ ପୁସ୍ତକ । ୧୯୩୯ ମସିହା ଜାନୁଆରି ୨୭ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ପ୍ରଫେସର୍ ବେ ?ଷବ ଚରଣ ସାମଲଙ୍କୁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳୁଥିବାରୁ ତାଙ୍କ ନିକଟକୁ ସାହିତ୍ୟିକ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

